## ଉଦ୍ଧାର ହେଲା ଅଜଗର

ଯୋଡ଼ା, (ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାଲିବନ୍ଧ ସେକ୍ସନର ମୁରୁସୂଆଁ ଗ୍ରାମରେ ଗୁରୁବାର ଏକ ଅଜଗର ସାପ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ଗୁରୁବାର ସକାଳେ ଉକ୍ତ ଗ୍ରାମର ରବି ନାଏକଙ୍କ ବାଡିରେ ଏକ ସାଢେ ୫ ଫୁଟ ଲମ୍ବର ଏକ ଅଜଗର ସାପଟି ଜାଲ ଭିତରେ ଫଶି ଯାଇ କୁଆଡେ ଯାଇ ପାରିନଥିଲା। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରିବା ପରେ ସ୍ଥାନୀୟ ବୈତରଣୀ ନିକଟସ୍ଥ ଜଙ୍ଗଲରେ ଛାଡିଦେଇଥିବା ଫରେଷ୍ଟରଙ୍କ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଏସ୍‌ପିଙ୍କୁ ଭେଟିଲେ ଚାଷୀ

କେନ୍ଦୁଝର, ୧୩।୮ (ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ଲ୍ୟାମ୍ପରେ ଧାନ କିଣା ମହାଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଚାଷୀ ଦାବି କରିଛନ୍ତି। ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଗିରଫ ଦାବି କରି ଗୁରୁବାର ବିଶିଷ୍ଟ ଚାଷୀ ନେତା ଅଖିଳ ଚନ୍ଦ୍ର ନାୟକ, କୃପାଚାର୍ଯ୍ୟ ମହାନ୍ତ ପ୍ରମୁଖ କେନ୍ଦୁଝର ଜିଲା ଆରକ୍ଷୀ ଅଧୀକ୍ଷକ, ଓ କେନ୍ଦୁଝର ଜିଲା ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି, ସାହାରାପଡ଼ା ଲ୍ୟାମ୍ପ ଧାନ କିଣାରେ ବ୍ୟାପକ ଦୁର୍ନୀତି ଓ ହେରଫେର ହୋଇଥିବା ଅଭିଯୋଗ କରି ଚାଷୀ ମାନଙ୍କ ତରଫରୁ ପାଟଣା ଥାନା ଓ ତୁରୁମଙ୍ଗା ଥାନାରେ ଏତଲା ଦିଆଯାଇଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯାଇ ନ ଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ବଳାତ୍କାର ଅଭିଯୋଗ: ଯୁବକ ଗିରଫ

ବାହାନଗା, ୧୩।୮ (ଡି.ଏନ.ଏ.): ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ଯୁବକ ସେହି ଗ୍ରାମର ଜନୈକା ଯୁବତୀଙ୍କୁ ଘରୁ ଅପହରଣ କରିନେବା ପରେ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୬୧/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଙ୍ଗାଧର ମହାଲିକ (୪୨)। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଗତ ଜୁଲାଇ ୩୧ ତାରିଖ ରାତିରେ ଅଭିଯୁକ୍ତ ଗଙ୍ଗାଧର ସମ୍ପୃକ୍ତ ଯୁବତୀଙ୍କୁ ଅପହରଣ କରି ନେଇ ମୟୂରଭଞ୍ଜ ଜିଲା ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ସେଠାରୁ ଉଭୟଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ସେଠାରେ ଗଙ୍ଗାଧର ବଳାତ୍କାର କରିଥିବା ନେଇ ଯୁବତୀ ଜଣକ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ଲୁହାପଥର ଚୋରା ଚାଲାଣ: ୪ ଗିରଫ

ଯୋଡ଼ା, ୧୩।୮ (ଡି.ଏନ.ଏ.): ଚୋରା ଲୁହାପଥର ଚାଲାଣ ହେଉଥିବା ବେଳେ କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଧାତିକା ଛକଠାରେ ପୋଲିସ ଚଢ଼ାଉ କରି ୨ ଟି ଚୋରା ଲୁହା ପଥର ବୋଝେଇ ଟ୍ରକ ଜବତ କରିବା ସହିତ ଏଥିରେ ସଂପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସୂଚନାନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଖଣିରୁ ରାଜସ୍ଥାନର ଟ୍ରକ ଡ୍ରାଇଭର ଛୋଟୁଲାଲ ଗୁଜର ଓ ହେମରାଜ ମୀନା ଦୁଇଟି ଟ୍ରକ୍‌ରେ ଚୋରା ଲୁହାପଥର ବୋଝେଇ କରି ଛତିଶଗଡକୁ ଚୋରା ଚାଲାଣ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଅନ୍ୟ ୨ ଅଭିଯୁକ୍ତ ଯାଜପୁର ଜିଲାର ଯଦୁମଣି ମହାନ୍ତ ଓ ଘସିପୁରା ଅଞ୍ଚଳର କାବୁଲା ପାତ୍ର ଏକ ପିକଅପ ଭ୍ୟାନ୍ ମାଧ୍ୟମରେ ଆଗେ ଆଗେ ଯାଇ ଏହାକୁ ସୁରକ୍ଷା ଦେଉଥିଲେ। ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ାଉ କରି ଉକ୍ତ ୨ ଚୋରା ଲୁହାପଥର ବୋଝେଇ ଟ୍ରକ ଜବତ କରିବା ସହିତ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଡିଫେନ୍ସ ରୋଡ୍‌କୁ ବାଧକ ଜବରଦଖଲ

ବାଲେଶ୍ୱର ଅଫିସ, ୧୩।୮


ଜବରଦଖଲରେ ପ୍ରସ୍ତାବିତ ଡିଫେନ୍ସ ରୋଡ୍‌ର ଜମି।

- ସହରକୁ ମିଳିବ ଏକ ଅତ୍ୟାଧୁନିକ ବାଇପାସ୍
- ଉପକୃତ ହେବେ ପର୍ଯ୍ୟଟକ

ବାଲେଶ୍ୱର ସହର ପୂର୍ବରୁ ଥିବା କୁରୁଡ଼ା ସ୍ଥିତ ଜ୍ୟୋତି ହସ୍‌ପିଟାଲଠାରୁ ପାତ୍ରପଡ଼ା ପର୍ଯ୍ୟନ୍ତ (୯.୨ କି.ମି.) ପ୍ରତିରକ୍ଷା ବିଭାଗ ଦ୍ୱାରା ଏକ ସ୍ୱତନ୍ତ୍ର ବାଇପାସ୍ ରାସ୍ତା ଚାନ୍ଦିପୁର ସ୍ଥିତ ଆଇଟିଆର୍ (ସମନ୍ୱିତ ପରୀକ୍ଷା ପରିସର)କୁ ନିର୍ମାଣ କରାଯାଉଛି। ଏହି ରାସ୍ତାରେ ଫ୍ଲାଏ ଓଭରବ୍ରିଜ୍, ଦୁଇଟି ଜଙ୍କସନ୍ ସମେତ ଦୁଇଟି ବାଇପାସ୍ ରୋଡ୍ ନିର୍ମାଣ ହେବ। ରାସ୍ତାର ଓସାର ୩୫ ଫୁଟ୍ ବିଶିଷ୍ଟ ହେଉଥିବା ବେଳେ ୱାନ୍ ୱେ ରାସ୍ତା ସହ ଦୁଇ ପାର୍ଶ୍ୱରେ ଡ୍ରେନ୍ ଓ ମଝିରେ ବିଦ୍ୟୁତ୍‌କରଣ ଓ ଆଧୁନିକ କରିଡରରେ ରାସ୍ତା ନିର୍ମାଣ ପାଇଁ ଡିଆର୍‌ଡିଓ (ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ) ପକ୍ଷରୁ ପ୍ରକଳ୍ପ ପ୍ରସ୍ତୁତ ହୋଇଛି। ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୬୬କୋଟି ଟଙ୍କା ମଞ୍ଜୁର ହୋଇଛି। ଏକ ଜାତୀୟସ୍ତରୀୟ ନିର୍ମାଣ କମ୍ପାନୀ ଏହି କାର୍ଯ୍ୟର ଦାୟିତ୍ୱ ନେଇଥିବା ବେଳେ ଜବରଦଖଲରେ ରହିଥିବା କେତେକ ଅଞ୍ଚଳ ସେମାନଙ୍କ ପାଇଁ ବାଧକ ସାଜିଛି।

ବାଲେଶ୍ୱର ସହର ତାମୁଲିଆ ଗେଟ୍‌ଠାରେ ରେଳ ଲାଇନ୍ ଯାଇଛି। ଏହି ରେଳ ଲାଇନ୍ ଉପରେ ଫ୍ଲାଏ ଓଭରବ୍ରିଜ୍ ମଧ୍ୟ କରାଯାଇଛି। ଉକ୍ତ ଡିଫେନ୍ସ ରୋଡ୍ ନିର୍ମାଣ ପାଇଁ ରେଳ ଲାଇନ୍‌ର ଉତ୍ତରପାର୍ଶ୍ୱ ଦେଇ କଞ୍ଚାମାଲ ଯିବାକୁ ସୁଯୋଗ ଥିବାବେଳେ ଉକ୍ତ ଅଞ୍ଚଳରେ କେତେକ ଜବରଦଖଲକାରୀ ରହିଆସୁଥିବାରୁ ନିର୍ମାଣ କାର୍ଯ୍ୟ ଆଗେଇପାରୁନି। ଜବରଦଖଲ ଉଚ୍ଛେଦ କରିବା ପାଇଁ ଡିଆର୍‌ଡିଓ ପକ୍ଷରୁ ଜିଲାପାଳ ତଥା ବନବିଭାଗ ଅଧିକାରୀଙ୍କୁ ଲିଖିତ ଜଣାଯାଇଛି। ଏଥିସହିତ ରେମୁଣା ଓ ସଦର ତହସିଲଦାର, କୁରୁଡ଼ା ଆର୍‌ଆଇ ମିଳିତ ସର୍ଭେ କରିଛନ୍ତି। ରାସ୍ତା ନିର୍ମାଣ ହେବାକୁ ଥିବା ବ୍ୟକ୍ତିଗତ ଜମି ମାଲିକଙ୍କୁ ଡିଆର୍‌ଡିଓ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦେଇଥିବା ବେଳେ ଜବରଦଖଲକାରୀଙ୍କୁ ସରକାରୀ ଜମିରୁ ଉଠିବା ପାଇଁ ନୋଟିସ୍ ହୋଇଛି। ସରକାରୀ ଜମିଗୁଡ଼ିକରେ ବଡ଼ ବଡ଼ ଗଛ ଥିବାରୁ ଉକ୍ତ ଗଛକୁ କାଟିବା ପାଇଁ ବନବିଭାଗକୁ ଅନୁମତି ମଗାଯାଇଛି। ଏସବୁ କାମ ଠିକ୍ ସମୟରେ ନ ହେବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ହେବାରେ ବିଳମ୍ବ ହେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଲୋକମାନେ ରାସ୍ତା ନିର୍ମାଣକୁ ନେଇ ଆଶାବାଦୀ ଥିବାବେଳେ କାମ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ କାମ ଶେଷ ହେବା ପାଇଁ ଆସନ୍ତା ଅକ୍ଟୋବର ୨୦୨୧ ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ ଏଯାଏଁ ମାତ୍ର ୧୦ଭାଗ କାମ ଆରମ୍ଭ ହୋଇଛି। ଜବରଦଖଲ ଉଚ୍ଛେଦ କରିବା ସହ ନିର୍ମାଣଧୀନ ରାସ୍ତାରୁ ଗଛ ନ ହଟାଇଲେ କାର୍ଯ୍ୟ ସମ୍ଭବ ହୋଇପାରୁ ନ ଥିବା ଉକ୍ତ ରାସ୍ତା ନିର୍ମାଣ ପ୍ରକଳ୍ପର ମ୍ୟାନେଜର ସିଏମ୍ ସତୀଶ ଶାହା ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣ ହେଲେ ସହରକୁ ଏକ ଆଧୁନିକ ବାଇପାସ୍ ମିଳିଯିବ। ଚାନ୍ଦିପୁର ବେଳାଭୂମିକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ପ୍ରମୁଖ ରାସ୍ତା ହେବ। ଏ ସମ୍ପର୍କରେ ରେମୁଣା ତହସିଲଦାର ଚାର୍ଲସ ନାୟକ କୁହନ୍ତି, ଗତ ୨୦୦୭ ମସିହାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଏନ୍‌ଜିଓ ଦ୍ୱାରା ସର୍ଭେ କରାଯାଇଥିଲା। ଏଥିରେ ସରକାରୀ ଜମିକୁ ଜବରଦଖଲ କରିଥିବା ଲୋକଙ୍କର ସମସ୍ତ ତଥ୍ୟ ରହିଛି। ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ଆଇଟିଆର୍ କର୍ତ୍ତୃପକ୍ଷ ଲିଖିତ ଜଣାଇଛନ୍ତି। ଏହାକୁ ନେଇ ପ୍ରଶାସନ ପକ୍ଷରୁ ସଦର ତହସିଲଦାର, ଅତିରିକ୍ତ ଜିଲାପାଳ ଏବଂ ଜିଲାପାଳଙ୍କ ସହ ବାରମ୍ବାର ଆଲୋଚନା ଜାରି ରହିଛି। ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ କରାଯିବା ସହ ଉକ୍ତ ଡିଫେନ୍ସ ରୋଡ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ପ୍ରକାଶ କରିଛନ୍ତି।

# ଶଟ୍‌ଡାଉନ କଟକଣା କୋହଳ

କେନ୍ଦୁଝର, ୧୩।୮ (ସ୍ୱ.ପ୍ର.)/ ଭଦ୍ରକ ଅଫିସ୍

ସ୍ୱାଧୀନତା ଦିବସ ଉପଲକ୍ଷେ ଅଗଷ୍ଟ ୧୫ ଶନିବାର ପଡୁଥିବାରୁ ସାପ୍ତାହିକ ଶଟ୍‌ଡାଉନରେ କୋହଳ କରାଯାଇଛି। କେବଳ ଶନିବାର କୋହଳ କରାଯାଇ ସକାଳ ୬ରୁ ୧୧ ଟା ପର୍ଯ୍ୟନ୍ତ ଜାତୀୟ ପତାକା ଉତ୍ତୋଳନ ପାଇଁ କୋହଳ କରାଯାଇଥିବା ଜିଲାପାଳ ଆଶୀଷ ଠାକ୍‌ରେ କହିଛନ୍ତି। ଏହି ଉତ୍ସବ ପାଳନ ସମୟରେ ୧୦ରୁ ଅଧିକା ଲୋକ ଏକାଠି ହୋଇ ପାରିବେ ନାହିଁ। ଅନ୍ୟ କୌଣସି କାର୍ଯ୍ୟକ୍ରମ ହେବ ନାହିଁ ସେହିପରି କଣ୍ଟେନମେଣ୍ଟ ଜୋନରେ ମଧ୍ୟ ଏହି ସମୟ କୋହଳ କରାଯାଇଛି। ସେହିପରି ଜିଲା ସ୍ତରୀୟ ଉତ୍ସବ ପରେଡ ପଡିଆରେ ଗୃହ ବିଭାଗ ଗାଇଡ ଲାଇନକୁ ମାନି କରାଯିବ। ୫୦ ଜଣ ଡାକ୍ତର, ପାରାମେଡିକାଲ ଆଦି କରୋନା ଯୋଦ୍ଧା ସାମିଲ ହେବେ। ଅନ୍ୟ ସାଧାରଣ ଲୋକଙ୍କୁ ବାରଣ କରାଯାଇଛି। ପରେଡ ହେବ ନାହିଁ। ଏଣୁ ଜାତୀୟ ପତାକାକୁ ସମ୍ମାନ ଜଣାଇବା ପାଇଁ କରୋନା ଯୋଦ୍ଧା ରହିବେ ଏବଂ ସଲାମୀ ଦେବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ଭଦ୍ରକ ଜିଲାରେ ଜାରି ଥିବା ସାପ୍ତାହିକ ଶଟ୍ ଡାଉନ କଟକଣା କୋହଳ କରାଯାଇଛି। ଶନିବାର ଓ ରବିବାର ଜିଲାରେ ସମ୍ପୂର୍ଣ୍ଣ ଶଟ୍ ଡାଉନ ଥିବା କଟକଣା କୋହଳ କରାଯାଇ ଶନିବାର ସ୍ୱାଧୀନତା ଦିବସ ପାଳନ ପାଇଁ ପୂର୍ବାହ୍ନ ୧୧ ଟା ପର୍ଯ୍ୟନ୍ତ ଜାରି ହୋଇଥିବା କଟକଣା କୋହଳ କରାଯାଇଛି। ଗୋଟିଏ ସ୍ଥାନରେ ୧୦ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକାଠି ହୋଇପାରିବେ ନାହିଁ। ଭଦ୍ରକ କଲେଜ ପଡ଼ିଆରେ ମୁଖ୍ୟଅତିଥି ଭାବେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ପତାକା ଉତ୍ତୋଳନ କରିବେ। ମାତ୍ର ୩ ଟି ପୋଲିସ ଟିମ୍ ପରେଡ୍‌ରେ ଯୋଗ ଦେବେ। ଚଳିତ ବର୍ଷ କୌଣସି ଛାତ୍ରୀଛାତ୍ର ଉକ୍ତ ସ୍ଥାନକୁ ଯିବାକୁ ବାରଣ କରାଯାଇଛି।

# ମେଧାବୀ ଛାତ୍ରୀଛାତ୍ର ସମ୍ମାନିତ


ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରୁଛନ୍ତି।

ବାଲେଶ୍ୱର ଅଫିସ, ୧୩।୮

ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ 'ଏ-୧' ଗ୍ରେଡ୍ ସହ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଥିବା ୧୦ ଛାତ୍ରୀଛାତ୍ର ତଥା ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି। ପୂର୍ବାହ୍ନରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଜେଆର୍‌ସି ଭବନ' ପରିସରରେ ଆୟୋଜିତ ଏକ ଉତ୍ସବରେ ପୁସ୍ତକ ପ୍ରଦାନ ପୂର୍ବକ ଉକ୍ତ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିସହିତ ସର୍ବୋଚ୍ଚ ନମ୍ବର ରଖିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଭବିଷ୍ୟତ ଜୀବନର ଲକ୍ଷ୍ୟ ପଚାରିବା ସହ ଲକ୍ଷ୍ୟ କିପରି ସାଧିତ କରିହେବ ସେ ସମ୍ବନ୍ଧରେ ଜିଲାପାଳ ମାର୍ଗଦର୍ଶନ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଜିଲାଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରି ଛାତ୍ରୀଛାତ୍ରମାନଙ୍କୁ ସୁନାଗରିକ ହୋଇ ଦେଶର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରି ଛାତ୍ରୀଛାତ୍ରମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହିତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନଶିକ୍ଷୟିତ୍ରୀଶିକ୍ଷକ ତଥା ଉପସ୍ଥିତ ଥିବା ସମସ୍ତ ଶିକ୍ଷକ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଚଞ୍ଚକତାର ତଦନ୍ତ କରିବ ଭିଜିଲାନ୍ସ

ବାରିପଦା ଅଫିସ, ୧୩।୮




ମୟୂରଭଞ୍ଜ ଜିଲା ଶୁଳିଆପଦା ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ଔଷଧ ବିଲ୍ ଓ ଘରଭଡ଼ା ବାବଦରେ ଚଞ୍ଚକତା କରାଯାଇଥିବା ନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଆରମ୍ଭ ହେବ। ଏ ନେଇ ତଦନ୍ତ ଦାବି କରିଥିବା ମୟୂରଭଞ୍ଜ ଏମ୍‌ପି ବିଶ୍ୱେଶ୍ୱର ଟୁଡୁଙ୍କ ନିକଟକୁ ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ.୭୮୯/୨୦ରେ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ବିଇଓ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପାଇଁ ବର୍ଷକୁ ଔଷଧ ବାବଦରେ ୮୦ହଜାର ଟଙ୍କା ଏବଂ ଘରଭଡ଼ା ସହାୟତା ପ୍ରଦାନ କରାଯାଇଥାଏ। ସେଥି ମଧ୍ୟରୁ ଘରଭଡ଼ା ନେଇ ରହୁଥିବା ଶିକ୍ଷକମାନଙ୍କୁ ପ୍ରତି ବର୍ଷ ଉକ୍ତ ରାଶି ପ୍ରଦାନ କରାଯାଇଥାଏ। ଉଭୟ ପତିପତ୍ନୀ ସେହି ବିଇଓଙ୍କ କାର୍ଯ୍ୟାଳୟ ଅଧୀନରେ ଚାକିରି କରୁଥିଲେ ସେମାନଙ୍କୁ ଗୋଟିଏ ଘରଭଡ଼ା ପ୍ରଦାନ କରାଯାଇଥାଏ। ଏ ବାବଦରେ ଦମ୍ପତିମାନେ ଗୋଟିଏ ଘରଭଡ଼ା ନେବା ପାଇଁ କାର୍ଯ୍ୟାଳୟରେ ସତ୍ୟପାଠ ମଧ୍ୟ ପ୍ରଦାନ କରିଥାନ୍ତି। ମାତ୍ର ଶୁଳିଆପଦା

### ଘରଭଡ଼ା, ଔଷଧ ବିଲ୍ ପ୍ରଦାନରେ ଜାଲିଆତି

ବିଇଓ କାର୍ଯ୍ୟାଳୟରେ ଘରଭଡ଼ା ଓ ଔଷଧ ବାବଦରେ ଜାଲିଆତି କରି ଟଙ୍କା ଉଠାଯାଇଥିବା ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସାମ୍ନାକୁ ଆସିଛି। ରୋଗ ସମ୍ବନ୍ଧୀୟ କୌଣସି ପ୍ରମାଣପତ୍ର କିମ୍ବା ଡାକ୍ତରଙ୍କ ପ୍ରେସକ୍ରିପ୍ସନ ଓ ଚିକିତ୍ସା ଜନିତ ପ୍ରମାଣପତ୍ର ନ ଥିବା ଜଣାଯାଇଛି। ୨୦୧୪ରୁ ଆର୍‌ଟିଆଇ ଯୋଗେ ତଥ୍ୟ ମଗାଯାଇଥିବା ବେଳେ ମାତ୍ର ଦୁଇ ବର୍ଷର ତଥ୍ୟ ପ୍ରଦାନ କରାଯାଇଛି। ଏଥିରେ ବିନା ବିଲ୍‌ରେ ଔଷଧ ବିଲ୍ ପ୍ରଦାନ କରାଯାଇଥିବା ବେଳେ ଶିକ୍ଷକମାନଙ୍କ ବଦଳରେ କର୍ମଚାରୀଙ୍କୁ ଏହି ରାଶି ପ୍ରଦାନ କରାଯାଇଛି। ସେହିପରି ରିପୋର୍ଟରେ କିଛି ଦମ୍ପତିଙ୍କୁ ଲକ୍ଷାଧିକରୁ ଉର୍ଦ୍ଧ୍ୱ ଟଙ୍କା ଘରଭଡ଼ା ଭାବେ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡିଛି। ଉଲ୍ଲେଖଯୋଗ୍ୟ ଯେ, ଚଞ୍ଚକତା ପୂର୍ବକ ବିଲ୍ ପାସ୍ କରି ଟଙ୍କା ଉଠାଣକୁ ନେଇ ମୟୂରଭଞ୍ଜ ଏମ୍‌ପି ଘଟଣାର ତଦନ୍ତ ପାଇଁ ଚିଠି ନଂ.୫୫୬/୨୦ରେ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଖୁବଶୀଘ୍ର ଏହାର ତଦନ୍ତ କାର୍ଯ୍ୟ ଆରମ୍ଭ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ଏମ୍‌ପିଙ୍କୁ ଅବଗତ କରାଯାଇଛି।

## ଜମିଜମାକୁ କେନ୍ଦ୍ରକରି ଗଣ୍ଡଗୋଳ: ୧୨ ଗୁରୁତର

ସଜନାଗଡ଼, ୧୩।୮ (ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ବାଉଁଶବଣିଆ ପଞ୍ଚାୟତ ଗୁହାଳିଆ ଗ୍ରାମର ରମାକାନ୍ତ ବାରିକ ଓ ଶ୍ରୀକାନ୍ତ ବାରିକଙ୍କ ପରିବାର ମଧ୍ୟରେ ଜମିଜମାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟି ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନେ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଜେଜେବାପାଙ୍କ ନାମରେ ଥିବା ୨୦ ଡିସିମିଲ ଚାଷ ଜମି ରମାକାନ୍ତଙ୍କ ନାମରେ ହୋଇଥିବା ବେଳେ ଶ୍ରୀକାନ୍ତ ଏହା ତାଙ୍କ ପିତାଙ୍କ ନାମରେ ରହିଛି ବୋଲି ଦାବି କରିଥିଲେ। ଏନେଇ ଗୁରୁବାର ଅପରାହ୍ନରେ ଉଭୟ ପରିବାର ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ଶ୍ରୀକାନ୍ତ, ସ୍ତ୍ରୀ ଆରତୀ, ଭାଇ ରାଧାକୃଷ୍ଣ, ପୁଅ ଜୟକୃଷ୍ଣ ଓ ଲକ୍ଷ୍ମୀଧର ବାରିକ ଗୁରୁତର ହୋଇଥିବା ବେଳେ ଅନ୍ୟପଟେ ରମାକାନ୍ତ, ସ୍ତ୍ରୀ ବିନୟତି, ପୁଅ ଜୟଜବାନ, ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ପୁଅ ଜୟ କିଶାନ, ରବିନାରାୟଣ, ଶାନ୍ତିଲତା ଓ ୭ ବର୍ଷର ପୁଅ ହରେକୃଷ୍ଣ ପ୍ରମୁଖ ଗୁରୁତର ଆହତ ହୋଇଛନ୍ତି। ଥାନା ଏସ୍‌ଆଇ ବାସୁଦେବ ଜୟସିଂ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ସମାଧାନ ଲୋଡ଼ିଲେ ମାଟୋଆ କର୍ମକର୍ତ୍ତା

ଯୋଡା ୧୩।୮ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳରେ ନବଗଠିତ ଜୁରୁଡି ଟ୍ରକ ଆସୋସିଏଶନ (ଜେଟିଏ) ଓ ବାଂଶପାଣି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ (ମାଟୋଆ) ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ଗୁରୁବାର ମାଟୋଆର କର୍ମକର୍ତ୍ତା ପୋଲିସ ଅଧିକାରୀଙ୍କ ସହାୟତା ଲୋଡିଛନ୍ତି। ସୂଚନାନୁଯାୟୀ, ନବଗଠିତ ଜେଟିଏ ଓ ମାଟୋଆ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ଗୁରୁବାର ବାଂଶପାଣିସ୍ଥିତ ମାଟୋଆ କାର୍ଯ୍ୟାଳୟରେ ମାଟୋଆ କର୍ମକର୍ତ୍ତା ଏବଂ ଗାଡିମାଲିକମାନଙ୍କ ମଧ୍ୟରେ ଏକ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଓମ୍ପର ମାଲିକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବ ବୋଲି ମାଟୋଆର ସଭାପତି ଚତୁର୍ଭୁଜ ପଲେଇ କହିଥିଲେ। ମାଟୋଆ କାର୍ଯ୍ୟାଳୟରେ ଆଲୋଚନା ପରେ ସମସ୍ତ କର୍ମକର୍ତ୍ତା ଏକତ୍ରିତ ଭାବେ ଯୋଡା ଥାନାକୁ ଆସି ଏହି ଘଟଣାରେ ପୋଲିସ ହସ୍ତକ୍ଷେପ କରି ସମାଧାନ କରିବାକୁ ଅନୁରୋଧ କରିଥିଲେ।

# ଉଚ୍ଚଶିକ୍ଷା ଅନୁଷ୍ଠାନର ମୂଲ୍ୟାଙ୍କନ ମାନ୍ୟତା ନେଇ ୱେବିନାର

ବାଲେଶ୍ୱର ଅଫିସ, ୧୩।୮

ଜାତୀୟ ମୂଲ୍ୟାଙ୍କନ ଓ ମାନ୍ୟତା ପରିଷଦ ବାଙ୍ଗାଲୋର ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତର ଗୁଣବତ୍ତା ସୁନିଶ୍ଚିତ ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ ଏକ ଜାତୀୟସ୍ତରୀୟ ୱେବିନାର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ୱେବିନାର୍‌ରେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଓ ଜାତୀୟ ମୂଲ୍ୟାଙ୍କନ ଓ ମାନ୍ୟତା ପରିଷଦର ନିର୍ଦ୍ଦେଶକ ପ୍ରଫେସର ଏସ.ସି ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ ମୁଖ୍ୟ ପୃଷ୍ଠପୋଷକ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ପୃଷ୍ଠପୋଷକ ଭାବରେ ଅଂଶଗ୍ରହଣ କରିଥିଲେ। ଦେଶର ବିଭିନ୍ନ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ, ଶିକ୍ଷକ ଓ ଗବେଷକ ପ୍ରଭୃତି ପ୍ରାୟ ୪ଶହରୁ ଅଧିକ ଏହି ୱେବିନାର୍‌ରେ ଅଂଶଗ୍ରହଣ କରିଥିଲେ। ଜାତୀୟ ମୂଲ୍ୟାଙ୍କନ ଓ ମାନ୍ୟତା ପରିଷଦର ପରାମର୍ଶଦାତା ପ୍ରଫେସର ଅମୀୟ କୁମାର ରଥ ଏବଂ ସହ ପରାମର୍ଶଦାତା ଡ. ରୁଚି ତ୍ରିପାଠୀ ଓ ଡ. ନୀଲେଶ ପାଣ୍ଡେ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ମୂଲ୍ୟାଙ୍କନ ମାନ୍ୟତା ପାଇବାର ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସେହି ଅନୁଷ୍ଠାନର ଅନ୍ୟତମ ପରାମର୍ଶଦାତା ଡ. ବି.ଏସ. କନ୍‌ମୁଡ଼ିରାଜ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ସହ ଆବାହକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ଓ ଡ. ଏଲ୍‌ସା ପଣ୍ଡିତ ଯଥାକ୍ରମେ ଦୁଇ ଉଦ୍‌ଘାଟନୀ ଉତ୍ସବ ଓ ବୈଷୟିକ ଅଧିବେଶନରେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନାୟକ କଲେଜର ସଫଳତା

ଭଦ୍ରକ ଅଫିସ, ୧୩।୮

- କ୍ରମାଗତ ନବମ ଥର ପାଇଁ କୃତିତ୍ୱ ହାସଲ
- ପ୍ରଥମ ଶ୍ରେଣୀରେ ୯୨, ଦ୍ୱିତୀୟରେ ୧୦୬ ଓ ତୃତୀୟ ଶ୍ରେଣୀରେ ୨୫ଜଣ ଉତ୍ତୀର୍ଣ୍ଣ

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ତେବେ ଚଳିତ ବର୍ଷ ବିଭିନ୍ନ କାରଣରୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ନୈରାଶ୍ୟ ଜନକ ହୋଇଥିବା ବେଳେ କ୍ରମାଗତ ନବମ ଥର ପାଇଁ ଭଦ୍ରକର ପ୍ରମୁଖ ଆବାସିକ ମହାବିଦ୍ୟାଳୟ ବିନାୟକ ରେସିଡେନ୍ସିଆଲ ହାୟର ସେକେଣ୍ଡାରି ସ୍କୁଲ ସଫଳତା ହାସଲ କରିଛି। ଜିଲାର ମୋଟ ୧୨ଟି ଆବାସିକ ହାୟର ସେକେଣ୍ଡାରୀ ସ୍କୁଲ ମଧ୍ୟରୁ ଏହି କଲେଜ ସଫଳତାର ଶୀର୍ଷରେ ରହିଥିବା ଜଣାପଡ଼ିଛି। କଲେଜ ଅଧ୍ୟକ୍ଷ ପ୍ରଭାତ ପ୍ରଭାକର ପାଢ଼ୀଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ମହାବିଦ୍ୟାଳୟର ମୋଟ ୨୪୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୨ଜଣ ପ୍ରଥମ ଶ୍ରେଣୀ, ୧୦୬ଜଣ ଦ୍ୱିତୀୟ ଓ ୨୫ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ପାସ୍‌ହାର ୯୫ପ୍ରତିଶତ ଥିବା ଜଣାପଡ଼ିଛି। ମହାବିଦ୍ୟାଳୟର ଛାତ୍ର ରଞ୍ଜନ କୁମାର ଦାସ ସର୍ବାଧିକ ୫୧୩ ନମ୍ବର ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସତ୍ୟଜିତ ମହାପାତ୍ର ୫୦୧ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏତଦ୍‌ବ୍ୟତୀତ ୩୬ଜଣ ଛାତ୍ରୀଛାତ୍ର ୭୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। କଲେଜର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ଓ ଜୀବନାନନ୍ଦ ପାଣିଗ୍ରାହୀ ଛାତ୍ରୀଛାତ୍ରମାନଙ୍କର ସଫଳତା କାମନା କରିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BANDHAN FINANCE
(Regd No - 1125124)
Bandhan ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅନ୍ଥକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ • ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାମ୍ପିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ 2 ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

